# ଉଠା ଜଳସେଚନ ବିଭାଗର ସଫଳତା ପାଇଁ ରାଜ୍ୟ ସ୍ତରରେ ପୁରସ୍କୃତ -

## ଶ୍ରେଷ୍ଠ ଉଠାଜଳସେଚନ ପ୍ରକଳ୍ପ ଭାବେ ଅଠାମଲ୍ଲିକର ଡେବ୍ରିପାଲି ଓ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ କଣିହାଁ ବ୍ଲକର ବୋଲ ଗ୍ରାମର ୨ ନମ୍ବର ପ୍ରକଳ୍ପକୁ ପୁରସ୍କୃତ ।

ଅନୁଗୋଳ ୩୧.୧ :- ଉଠା ଜଳସେଚନ ବିଭାଗର ସଫଳତାକୁ ନେଇ ଗତକାଲି ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହର ଉଦ୍‌ଯାପନି ଉତ୍ସବରେ ଅନୁଗୋଳ ଜିଲ୍ଲାକୁ ୨ଟି ପୁରସ୍କାର ମିଳିଛି । ଓଡିଶା କୃଷି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଜଳ ସମ୍ପଦ,ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାର ଶ୍ରେଷ୍ଠ ୩ଟି ପ୍ରକଳ୍ପ ମଧ୍ୟରୁ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକର ଡେବ୍ରିପାଲିର ୧ ନମ୍ବର ଉଠାଜଳସେଚନ ପ୍ରକଳ୍ପକୁ ପୁରସ୍କୃତ କରିଛନ୍ତି । ଜିଲ୍ଲା ତରଫରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସେହି ପରି ଓଡିଶାର ଶ୍ରେଷ୍ଠ ୧୦ଟି ପାଣି ପଞ୍ଚାୟତ ମଧ୍ୟରୁ କଣିହାଁ ବ୍ଲକର ବୋଲ-୨ ପାଣି ପଞ୍ଚାୟତ ପ୍ରଥମ(୧ ନମ୍ବର) ମାନ୍ୟତା ହାସଲ କରି ଏହି ପୁରସ୍କାର ପାଇଛନ୍ତି । ଏହି ପାଣି ପଞ୍ଚାୟତର ସମ୍ପାଦକ ଶ୍ରୀ ବୃନ୍ଦାବନ ନାୟକ,ଉପ ସଭାପତି ଶ୍ରୀ ବିନୋଦ ପ୍ରଧାନ ଓ କୋଷାଧକ୍ଷ ଶ୍ରୀ ବିଷ୍ଣୁ ଦାସ ପ୍ରମୁଖ ଏହି ପୁରସ୍କାର ମନ୍ତ୍ରୀଙ୍କ ଠାରୁ ଗ୍ରହଣ କରିଛନ୍ତି ।





BRUNDABAN NAIK
Secretary, Bole-II W.U.A
Bole-II L.I. Project
Dist- Angul

Executive Engineer,
L.I Division, Angul

**BINOD CH. PRADHAN**

**Vice-President,**

**Bole-II W.U.A**

**Bole-II L.I. Project**

**Dist- Angul**



27/1/20

Executive Engineer,

L.I Division, Angul

**BISHNU KUMAR DAS**

**Treasurer, Bole-II W.U.A**

**Bole-II L.I. Project**

**Dist- Angul**



27/1/20

Executive Engineer,

L.I Division, Angul